## ପଞ୍ଚାୟତରାଜ ମନ୍ତ୍ରୀଙ୍କ ୨ଦିନିଆ କନ୍ଧମାଳ ଗସ୍ତ



କନ୍ଧମାଳ,(ଆପ୍ର): କନ୍ଧମାଳ ଜିଲ୍ଲାକୁ ପଞ୍ଚାୟତ ରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦୁଇ ଦିନିଆ ଗସ୍ତରେ ଯାଇଛନ୍ତି । ଫୁଲବାଣୀରୁ ଗସ୍ତକରି ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଯିବା ସହିତ ଆହାର କେନ୍ଦ୍ରରେ ଭୋଜନ କରିଥିଲେ । ଏହାପରେ ଫୁଲବାଣୀ ବ୍ଲକ ପରିସରରେ କରାଯାଇଥିବା ଓଡ଼ିଶା ସରକାରଙ୍କ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, କନ୍ଧମାଳର ନିର୍ବାଚନ ଗୋଦାମ ଗୃହ ଅନୁମୋଦନ ବର୍ଷ ୨୦୧୭-୧୮ ଅଟକଳ ୧୪.୧୦ଲକ୍ଷ ଟଙ୍କା ଯୋଜନା ୪ର୍ଥ ରାଜ୍ୟ ଅର୍ଥ ଆୟୋଗ, ଅଙ୍ଗନବାଡି କେନ୍ଦ୍ର, କାଣିବାଲି ଅନୁମୋଦନ ବର୍ଷ ୨୦୧୭-୧୮ ଅଟକଳ ୭ ଲକ୍ଷ ଟଙ୍କା, ଯୋଜନା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ଦୁଇଟି କାମର ଭିତ୍ତି ପ୍ରସ୍ତର ସ୍ଥାପନର ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସରୋଜ କର୍ଣ୍ଣ, ବ୍ଲକ ଚେୟାରମ୍ୟାନ, ସରପଞ୍ଚ, ସମିତିସଭ୍ୟମାନେ ଓ ଫୁଲବାଣୀ ବିଡିଓ ସୁବ୍ରତ କୁମାର ଜେନା ରହିବା ସହିତ ସମସ୍ତ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହାପରେ କନ୍ଧମାଳ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପହଞ୍ଚି ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ କନ୍ଧମାଳ ଜିଲ୍ଲାରେ ପଞ୍ଚାୟତ ରାଜ ବିଭାଗର କଣ କଣ କାମ କରାଯାଉଛି, କେଉଁ କାମ ଗୁଡିକ ବନ୍ଦ ହୋଇପଡିଛି ଓ ସରକାରଙ୍କ ଯୋଜନା ପିଇବା ପାଣି ପାଇଁ ଗ୍ରାମାଞ୍ଚଳରେ କଣ କଣ କରାଯିଛି । ଏହାରୀ ଉପରେ ତନାଘନ କରିବା ସହିତ ଉଚ୍ଚପଦସ୍ଥ ଅଧିକାରୀ ଆରଡବ୍ଲୁ ଏସ ଏସ, ପିଡିଡିଆରଡିଏ, ଇଲେକଟ୍ରିକ ବିଭାଗ, ପ୍ରଧାନମନ୍ତ୍ରୀ ସଡକ ଯୋଜନା, ରାସ୍ତାଘାଟ, ପୂର୍ତ୍ତବିଭାଗର କାମ ଗୁଡିକୁ ଠିକ ଭାବରେ କରିବା ପାଇଁ ଆଦେଶ ଦେଇଥିଲେ । ପ୍ରତିଘରକୁ ପିଇବା ପାଣି, ଇଲେକଟ୍ରିକ, ରାସ୍ତା କିପରି ପହଞ୍ଚିବ । ପଞ୍ଚାୟତ ରାଜ ମନ୍ତ୍ରୀ ମଧ୍ୟ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୪ ଜଣ ବକ୍ରପାଦ ଅସ୍ତ୍ରୋପଚାର ହୋଇଥିବା ଶିଶୁମାନଙ୍କୁ ଭେଟି ଥିଲେ । ୧୦୦% ଓଡିଶା ସରକାରଙ୍କ ପକ୍ଷରୁ ମାଗଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି । ଓଡିଶାର ୪୫ ଗୋଟି ଫାଷ୍ଟଟ୍ରାଗ କୋର୍ଟ ମଧ୍ୟରୁ ୨୧ ଗୋଟି ମହିଳାମନଙ୍କ ପାଇଁ ୨୪ ଗୋଟି ପୋକ୍ସକୋର୍ଟ ଖୋଲିବାକୁ ଯାଉଛି । ଖୋଲିବା ପାଇଁ ହାଇକୋଟ ଆଦେଶ ଆସିଲେ ଆଗକୁ ଯିବୁବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

ବ୍ରଜରାଜନଗର, (ଆପ୍ର): ସ୍ଥାନୀୟ ଆମଦରହ ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପ୍ରକାଶ ଯେ, ହଂସମୁରା କଟାପାଲିର ବିଦେଶ ଖଡ଼ିଆ ମାମୁଁ ଘର ଆମଦରହକୁ ଯାତ୍ରା ଦେଖିବାକୁ ଆସିଥିଲା । ସେଠାରେ ପୋଖରୀରେ ଗାଧୋଇବା ବେଳେ ବୁଡ଼ିଯାଇ ତାର ମୃତ୍ୟୁ ହୋଇଥିଲା । ଏ ସଂପର୍କରେ ଝାରସୁଗୁଡ଼ା ଦମକଳ ବାହିନୀକୁ ଖବର ଦେଲାପରେ ଦମକଳ ବାହିନୀ ଓ ଗାନ୍ଧିଛକ ପୋଲିସ ସହାୟତାରେ ପୋଖରୀରୁ ତାର ଶବ ବାହାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଛି ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ଝୁମ୍ପୁରା, (ଆପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ଙ୍କର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହିତ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର, ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟ ଦାସ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ,ସ୍ଥାନୀୟ ବିଡିଓ ଜୟଶ୍ରୀ ବେଉରା,ସ୍ଥାନୀୟ ଅତିରିକ୍ତ ତହସିଲଦାର କେସେନସିଆ ଟିର୍କି , ଜିଲ୍ଲା ସ୍ତରୀୟ ତଥା ବ୍ଲକ ସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ରହିଥିଲେ । ପର୍ଯ୍ୟାୟ କ୍ରମେ ଜିଲ୍ଲାର ବ୍ଲକ ଗୁଡିକରେ ପାରମ୍ପାରିକ ରିତିରେ ଚାଲିଥିବା ଅଭିଯୋଗ ଶୁଣାଣି ଭଳି, ଚିରାଚରିତ ଢଙ୍ଗରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଅଭିଯୋଗ ଶୁଣାଣିରେ ସମସ୍ୟାର ସମାଧାନ ହେଲାଭଳି କିଛି ନୂତନତ୍ୱ ନ ଥିଲା । ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ଭତା, ଦିବ୍ୟାଙ୍ଗ ଭତା, ଭୂମୀହୀନଙ୍କ ପାଇଁ ପଟ୍ଟା,ଜଙ୍ଗଲାଂଚଳର ରାସ୍ତା, ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ୪ରୁ ୫ଥର ବ୍ୟକ୍ତି ବିଶେଷ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦରଖାସ୍ତ କରିଥିଲେ ହେଁ, ସମସ୍ୟାର ସମାଧାନ ହେଉ ନ ଥିବା ଜଣା ପଡିଥିଲା । ଜିଲାପାଳ ଙ୍କ ଅଭିଯୋଗ ଶୁଣାଣି ଦ୍ୱାରା ଲୋକମାନଙ୍କ ସମସ୍ୟାର ସମାଧାନ ହେଉ ନଥିବାରୁ ଏହି ଜନ ଶୁଣାଣି ପ୍ରତି ଲୋକଙ୍କ ଆଗ୍ରହ କମିଯାଉଥିବା ନେଇ ଝୁମ୍ପୁରା, ଖୁଣ୍ଟାପଡା, ବାରିଆ, ଖେଣ୍ଡରା, ମଳଦା, ନିଶ୍ଚିନ୍ତପୁର ଗ୍ରାମ ଗୁଡିକର ଗ୍ରାମବାସୀ ଚର୍ଚ୍ଚାରେ ରହିଥିଲେ । ବ୍ୟକ୍ତିଗତ ଓ ସାମୁହିକ ବିଭିନ୍ନ ସମସ୍ୟା ନେଇ ୨୧୬ଟି ଅଭିଯୋଗ ପିକୃତ ହୋଇଥିଲା । ପୂର୍ବ ଅଭିଯୋଗ ଶୁଣାଣି ଗୁଡିକ ଭଳି ଜିଲାପାଳ ଆଶିଷ ଠାକରେ ବିଭାଗୀୟ ଅଧିକାରୀଙ୍କୁ ଏଥର ମଧ୍ୟ ଅଭିଯୋଗ ଗୁଡିକ ବୁଝିବା ପାଇଁ ପରାମର୍ଶ ଦେଇ ନିଜର ଦାୟୀତ୍ୱ ତୁଲାଇଥିଲେ ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁଗ୍ମ ସମ୍ମିଳନୀ ଉଦ୍‌ଘାଟିତ

ଗୁଣପୁର, (ଆପ୍ର): ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୁଗ୍ମ ସମ୍ମିଳନି ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲିଥୁଆନିଆସ୍ଥିତ ଭିଲିନସ ଜେଡିମିସନ ବୈଷୟୀକ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଥୁରସ କାଲୁସ୍କାସ ଯୋଗଦେଇ ଦୁଇ ଦେଶର ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଜ୍ଞାନର ଆଦାନ ପ୍ରଦାନ ଦ୍ୱାରା ଗୁଣାତ୍ମକ ଶିକ୍ଷାର ବିକାଶ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଚେକ ରିପବ୍ଲିକସ୍ଥିତ ଭିଏସବି ବୈଷୟୀକ ବିଶ୍ୱବିଦ୍ୟାଳୟର ପ୍ରଫେସର ଲାଡିସ୍ଲାଭ ଜାଭିବା ଯୋଗଦେଇ ନୂତନ ପ୍ରୟୋଗକୁ ବାରମ୍ବାର ଅନୁଧ୍ୟାନ ଦ୍ୱାରା ଉତ୍କର୍ଷତା ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ମେକ୍ସିକୋସ୍ଥିତ ଟେକ୍ନୋଲୋଜି କୋ-ଦେ ମଣ୍ଟେରର ପ୍ରଫେସର କିଂଗସେଲି ଓକୋୟ ଯୋଗଦେଇ କୃତ୍ରିମ ବୁଦ୍ଧିକୁ ସମାଜର ମଂଗଳ କ୍ଷେତ୍ରରେ ବହୁଳ ବ୍ୟବହାର କରାଯାଇପାରିବ ବୋଲି କହିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡଃ ସତ୍ୟ ପ୍ରକାଶ ପଣ୍ଡା ଯୋଗଦେଇ ଆଗାମି ଦିନରେ କୃତ୍ରିମ ବୁଦ୍ଧିକୁ ନିଯୁକ୍ତି କ୍ଷେତ୍ରରେ ବ୍ୟବହାର କରାଯାଇପାରିଲେ ବେସ ସହାୟକ ହୋଇପାରିବ ବୋଲି କହିଥିଲେ । ଉପସଭାପତି ଡଃ ଚନ୍ଦ୍ରଧ୍ୱଜ ପଂଡା ଯୋଗଦେଇ ଏଭଳି ଆନ୍ତର୍ଜାତୀୟ ସମ୍ମିଳନି ଦ୍ୱାରା ଛାତ୍ରଛାତ୍ରୀଂକ ଆତ୍ମବିଶ୍ୱାସ ଯାଗ୍ରତ ହେବା ସହ ଅନ୍ତର୍ନିହିତ ଗୁଣାବଳିର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ସମ୍ମିଳନିରେ ଆମେରିକାସ୍ଥିତ ଏମ ଆଇ ଆର ଲେବର ନିର୍ଦ୍ଦେଶକ ଅଜିଥ ଆବ୍ରାହାମ,ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମୃତ୍ୟୁଂଜୟ ପଂଡା,ଜିଆଇଇଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଗୌତମ ଘୋଷ ଓ ସମ୍ମିଳିନିର ଆବାହକ ସୁଭ୍ରଜିତ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ ।

## ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ସୁବର୍ଣ୍ଣପୁର, (ଆପ୍ର): ସୁବର୍ଣ୍ଣପୁର ଜିଲ୍ଲା ବାଲ ଗଙ୍ଗାଧର ତିଲକ ଆଇନ ମହାବିଦ୍ୟାଳୟରେ ଆଇନ ସହାୟତା ପରାମର୍ଶ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ସମାରୋହରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ସୀମା ତ୍ରିପାଠୀ, ଆଇନ ମହାବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର କୁମାର ନାଏକ, ସରକାରୀ ଓକିଲ ବ୍ୟୋମକେଶ ଦାସ, ପ୍ରଦୀପ କୁମାର ହୋତା, ଅଟଳ ବିହାରୀ ମହାପାତ୍ର, ହେମନ୍ତ କୁମାର ସା ପ୍ରମୁଖ ଯୋଗଦେଇଥିଲେ । ବିନ୍ଦୁସାର ମହାପତ୍ର, କେଶବ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବଇଡ଼ା ଉଚ୍ଚ ବିଦ୍ୟାଳୟରେ ଏକଛତ୍ରବାଦ ଶାସନ

କନ୍ଧମାଳ, (ଆପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ଠାରୁ ମାତ୍ର ୭କି.ମି ଦୂରରେ ଅବସ୍ଥିତ ଏହି ସରକାରୀ ପଇଡ଼ା ଉଚ୍ଚ ବିଦ୍ୟାଳୟ । ଏହି ବିଦ୍ୟାଳୟରେ ପାଠ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଛାତ୍ରଙ୍କ ସଂଖ୍ୟା ୩୫୬ ଓ ଛାତ୍ରୀଙ୍କ ସଂଖ୍ୟା ୧୯୮ । କିନ୍ତୁ କାର୍ଯରତ ପ୍ରଧାନ ଶିକ୍ଷକଙ୍କ ମନମୁଖୀ ଏକଛତ୍ରବାଦ ଶାସନ ଫଳରେ ପ୍ରତିଦିନ ଛୋଟ ବଡ଼ ଘଟଣା ଘଟୁଛି । କିଛି ଦିନ ତଳେ ପ୍ରଧାନ ଶିକ୍ଷକ କିଛି ଛାତ୍ରଙ୍କୁ ଗାଳି କରିବା ଫଳରେ ଖଜୁରୀପଡ଼ା ବ୍ଲକ୍‌ରେ ଥିବାର ରଣପାଟୁଳୀ ଗ୍ରାମକୁ ପଳାଇଥିଲେ । ପୂଜା ସମୟରେ ଛାତ୍ରଛାତ୍ରୀଙ୍କୁ ପୂଜା ଚାନ୍ଦା ମାଗିଥାନ୍ତି । ସେହିପରି ମଧ ସାର୍ଟିଫିକେଟ୍ ମାଗିଲେ ଅଭିଭାବକ ଛାତ୍ରଛାତ୍ରୀଙ୍କୁ ଟଙ୍କା ମାଗୁଥିବାର ଚର୍ଚ୍ଚା କରୁଛନ୍ତି । ଏହି ସରକାରୀ ବଇଡ଼ା ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଆଜିସୁଧା ପିସିଏମ୍ ଟିଜିଟି ବା ବିଇଡି କରିଥିବା କୌଣସି ଶିକ୍ଷକ, ଶିକ୍ଷୟିତ୍ରୀ ନଥିବା ଫଳରେ ଗଣିତର ଜ୍ଞାନରେ ଅସୁବିଧା ଦେଖାଯାଉଛି । ତତ୍‌ସହିତ ଉକ୍ତ ସ୍କୁଲ୍ ପରିସରରେ ଲଗାଯାଇଥିବା ସିସି ଟିଭି କ୍ୟାମେରା ଦୀର୍ଘବର୍ଷ ହେଲାଣି ନାକଚ ହୋଇ ପଡ଼ିରହିଛି । ଏହା ଦ୍ୱାରା ପ୍ରଧାନ ଶିକ୍ଷକଙ୍କ ମନମୁଖି ଶାସନ ଚାଲିଛି । ପ୍ରତ୍ୟେକ ସପ୍ତାହର ଶନିବାର ଓ ରବିବାର ଦିନ ନିଜ ଗ୍ରାମକୁ ପଳାଇଥାନ୍ତି ବୋଲି ଦେଶରେ ଚର୍ଚ୍ଚା ଧରିଛି । କନ୍ଧମାଳ ଜିଲ୍ଲାପାଳ ଶିକ୍ଷାର ଉନ୍ନତି କରୁଥିବା ବେଳେ ଏପଟେ ଅଧିକା ଆଶ୍ରମ, ସେବାଶ୍ରମ ବିଦ୍ୟାଳୟର କିଛି ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଠକି ଚାଲିଛନ୍ତି । ଏହିମାନଙ୍କ ପ୍ରତି ଦୃଢ଼ ପଦକ୍ଷେପ ନଲେ କନ୍ଧମାଳ ଜିଲ୍ଲାରେ ଶିକ୍ଷାର ମାନ ଉନ୍ନତିଭର ହେବ ।

## ନିତ୍ୟାନନ୍ଦ ପାଠଗାରର ଷଷ୍ଠ ବାର୍ଷିକୀ ମହୋତ୍ସବ



ପାରଳାଖେମୁଣ୍ଡି, (ଆପ୍ର): ଗତ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ମୁଖ୍ୟ ବକ୍ତା ଭାବେ ଗୁରୁ ଗୌରବ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଜମାତା କଲ୍ୟାଣି ଦେବୀ, ପ୍ରାକ୍ତନ ପାରଳାଖେମୁଣ୍ଡି ବିଧାୟକ ବିଜୟ କୁମାର ଜେନା, ଯୋଗଦେଇ ଥିବା ବେଳେ ସଭାପତି କରିଥିଲେ ପାଠାଗାରର ସଭାପତି ଗୌରହରି ପଟ୍ଟନାୟକ । ଅନୁଷ୍ଠାନର ସମ୍ପାଦକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବହୁମୁଖୀ ପ୍ରତିଭାଧର କନ୍ଦର୍ପ ପାତ୍ର ଏବଂ ଭଜଗୋବିନ୍ଦ ପାତ୍ର ମୁଖ୍ୟ ଅତିଥି ଧ୍ୱାରା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଥାନାରୁ ଚମ୍ପଟ ମାରିଥିବା ଚୋର ସମ୍ବଲପୁରରୁ ଗିରଫ

ବ୍ରଜରାଜନଗର, (ଆପ୍ର): ଗତ ୧୩ ତାରିଖ ଦିନ ଗାନ୍ଧିଛକଠାରେ ପିଣ୍ଟୁ ଅଟୋ ମୋବାଇଲ୍‌ସ ସମ୍ମୁଖରୁ ଅଶୋକ ଦୋରାଙ୍କ ସ୍କୁଟି ଚୋରିକରି ସମ୍ବଲପୁର ଜମାଦାରପାଲିର ରୋହିତ ଓରାମ (୨୦) ପୋଲିସ ହାତରେ ଧରାପଡ଼ିଥିଲା । ଅଟୋମୋବାଇଲ୍‌ସ ମାଲିକ, ବ୍ରଜରାଜନଗର ଥାନା ଆଇଆଇସି ଓ ଗାନ୍ଧିଛକ ପାଣ୍ଡି ଅଧିକାରୀ ଚୋରକୁ ଧରି ନୂଆଡିହି ଛକଠାରେ ଥିବା ହନୁମାନ ମୂର୍ତ୍ତି ପଛପଟ ବୁଦୁବୁଦିଆ ଜଙ୍ଗଲରୁ ସ୍କୁଟିକୁ ଉଦ୍ଧାର କରିଥିଲେ । ଚୋର ରୋହିତ ସାଙ୍ଗରେ ଆଉଜଣେ ତାର ସାଙ୍ଗ ଅଜୟ ଖଡିଆ ଥିବା ପୋଲିସ ଜାଣିପାରିଥିଲା । କିନ୍ତୁ ଅଜୟକୁ ଧଣିବା ଆଗରୁ ଗତ ୧୪ ତାରିଖ ଦିନ ସନ୍ଧ୍ୟାରେ ରୋହିତ ଝାଡ଼ା ଯିବା ବାହାନ କରି ଜଣେ ଥାନା କର୍ମଚାରୀଙ୍କୁ ଧକ୍କାମାରି ଚମ୍ପଟ ମାରିଥିଲା । ଝାରସୁଗୁଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବ୍ରଜରାଜନଗର ଥାନା ଏସ୍‌ଆଇ ଙ୍କ ନେତୃତ୍ୱରେ ଏକ ସ୍ପେଶାଲ ସ୍କ୍ୱାର୍ଡ ଗଠନ କରାଯାଇଥିଲା । ଏହି ସ୍ପେଶାଲ ସ୍କ୍ୱାର୍ଡ ସମ୍ବଲପୁର ଯାଇ ଖସିଯାଇଥିବା ଚୋରକୁ ଧରିଥିବା ସୂଚନା ମିଳିଛି ।

## ବିଜ୍ଞାନ ମେଳାରେ ରକ୍ତଦାନ ଶିବିର ଅନୁଷ୍ଠିତ

ବରଗଡ଼, (ଆପ୍ର): ବରଗଡ଼ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଜିଲ୍ଲା ଶିକ୍ଷା ବିଭାଗ ଓ ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ପାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ପ୍ରଥମ ରକ୍ତଦାତା ଭାବେ ରକ୍ତଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ୍ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ୧୧୫ ୟୁନିଟ୍ ରକ୍ତ ପ୍ରଦାନ କରିଥିଲେ । ୯୫ ଜଣ ଶିକ୍ଷକ ଓ ୨୦ ଜଣ ଶିକ୍ଷୟିତ୍ରୀ ରକ୍ତଦାନ କରିଥିବା ବେଳେ ୩ଜଣ ଦମ୍ପତ୍ତି ଏହି ଶିବିରରେ ରକ୍ତଦାନ କରିଥିଲେ । ବରଗଡ଼ ରକ୍ତ ଭଣ୍ଡାର ଅଧିକାରୀ ଡ଼. ଦିବ୍ୟ କିଶୋର ପତି, ଅମରଜିତ ମହାନ୍ତି, ଭୂବନାନନ୍ଦ ସାହୁ ନିଷ୍ପାର ସଭାପତି ରକ୍ଷପାଳ ସାହୁ ଓ ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

## ବୃତ୍ତିରେ ଶିକ୍ଷକ, ଲକ୍ଷ୍ୟ ସମାଜସେବା



ଦାରିଙ୍ଗବାଡ଼ି, (ଆପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଶ୍ରାନୀକେତା ପଞ୍ଚାୟତ ଅନ୍ତର୍ଗତ ଦଣ୍ଡିମା ଗ୍ରମାର ଶ୍ରୀପତି ନାୟକ ବୃତ୍ତିରେ ଜଣେ ଶିକ୍ଷକ ହୋଇଥିଲେ ମଧ ସମାଜସେବା କରିବା ତାଙ୍କର ଲକ୍ଷ୍ୟ । ଦାରିଙ୍ଗବାଡ଼ି ବ୍ଲକ୍‌ର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯାଇ ଅସହାୟଙ୍କୁ ସହାୟତାର ହାତ ବଢ଼ାଇ ଆସୁଛନ୍ତି । ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଗରିବ ଅସହାୟଙ୍କୁ ବସ୍ତ୍ର ପ୍ରଦାନ କରିଆସୁଛନ୍ତି । ଏଥିସହ ଗରିବ ଛାତ୍ରଛାତ୍ରୀଙ୍କୁ ପାଠପଢ଼ାରେ ସହଯୋଗ ଦେଇଆସୁଛନ୍ତି । ଏହି କାମ ନିମନ୍ତେ ତାଙ୍କୁ ସୋସିଆଲ୍ ମିଡିଆରେ ପ୍ରଶଂସା ମିଳୁଥିବାର ଦେଖିବାକୁ ମିଳିଛି । କୁଲି ମଜୁରିଆ ପରିବାରେ ଶ୍ରୀପତିଙ୍କ ଜନ୍ମ । ଛୋଟବେଳୁ ନିଜ ମା'ଙ୍କୁ ହରାଇ ବସିଲେ । ବାପା ବହୁ କଷ୍ଟରେ ତାଙ୍କୁ ପାଠ ପଢ଼ାଇଥିଲେ । ସେ ମଧ ପିଲାଙ୍କୁ ଟ୍ୟୁସନ୍ କରି ପାଠ ପଢ଼ିଥିଲେ । ୧୯୯୫ରେ ସେ ଶିକ୍ଷକ ଭାବରେ ନିଯୁକ୍ତି ପାଇଲେ । ଶିକ୍ଷକତା କରିବା ଭିତରେ ଦୁର୍ଗମ ମଫସଲରେ ରହୁଥିବା ଗରିବ ଲୋକଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଅଭାବ ଅସୁବିଧା କଥା ହୃଦୟଗମ କରିଛନ୍ତି ଏବଂ ଅଭାବ ଅନାଟନକୁ ଅତି ନିକଟକୁ ଦେଖି ଆସିଛନ୍ତି । ତେଣୁ ସେ ନିଜର ଦରମା ଟଙ୍କାରୁ ସେହି ଅସହାୟଙ୍କୁ ସହାୟତା କରି ଆସୁଛନ୍ତି । ଏହି ନିକଟରେ ସେ ବୁରାଙ୍ଗିଆ ଗ୍ରାମରେ ବାସ କରୁଥିବା ବିକଳାଙ୍ଗ, ଅନ୍ଧୁଣୀ, ବୃଦ୍ଧାମାନଙ୍କୁ ଲୁଗା ଏବଂ ଶୀତବସ୍ତ୍ର ପ୍ରଦାନ କରିଥିଲେ । ତାଙ୍କର ଏହି କାର୍ଯ୍ୟରେ ତାଙ୍କ ଶିକ୍ଷକବନ୍ଧୁମାନେ ସହାୟତା କରିଥାନ୍ତି ।

## ୧୯୭୨ ବ୍ୟାଚର ବନ୍ଧୁମିଳନ

ବଲାଙ୍ଗୀର, (ଆପ୍ର): ଗତ ରବିବାର ଦିନ ପୃଥ୍ୱୀରାଜ ହାଇସ୍କୁଲ ୧୯୭୨ ବ୍ୟାଚର ବନ୍ଧୁମିଳନ ଓ ବଣଭୋଜି ସ୍ଥାନୀୟ ଟିଟିଲାଗଡ ରୋଡ ଫରେଷ୍ଟ ନର୍ସରୀ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୦ଜଣ ସହପାଠୀ ଯୋଗଦେଇଥିଲେ । ସହପାଠୀ ଶୋଭାକର ନାଏକଙ୍କର ଦୁର୍ଘାଟଣା ଜନିତ ମୃତ୍ୟୁ ଅନ୍ୟତମ ସହପାଠୀ ବିଜୟ କୁମାର ଦିକ୍ଷିତଙ୍କର ସହଧର୍ମଣୀଙ୍କ ବଣଭୋଜି ପୂର୍ବଦିନ ଅକାଳ ବିୟୋଗ ଘଟିଥିବାରୁ ସମସ୍ତଙ୍କର ମନରେ ଦୁଃଖର ଛାୟା ଖେଳିଯାଇଥିଲା । ସେହି ଦୁଇ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ସହପାଠୀ ଓ ବନ୍ଧୁ ପତ୍ନୀଙ୍କର ସ୍ମୃତି ଚାରଣ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା । ବହୁ ଦୁର ଦୁରାନ୍ତରୁ ସହପାଠୀମାନେ ଆସି ଯୋଗ ଦେଇଥିବାରୁ ପରସ୍ପରକୁ ଅନେକ ଦିନ ପରେ ଭେଟି ଆନନ୍ଦିତ ହୋଇଥିଲେ । ଉପସ୍ଥିତ ସହପାଠୀମାନେ ଦରକାର ବେଳେ ଅସୁବିଧାରେ ପଡିଥିବା ସହପାଠୀମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ସମସ୍ତେ ନିଷ୍ପତ୍ତି ନେଇଥିଲେ ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ




ବରଗଡ଼, (ଆପ୍ର): ବରଗଡ଼ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଗତ ରବିବାର ଦିନ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଅଧକ୍ଷତାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାକୁ ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଭିସୁଟ୍ ବୁର୍ଲା ପ୍ରଫେସର ଡ. ଦେବଦତ୍ତ ମିଶ୍ର, ଯୋଗଦେଇ ସାମ୍ପ୍ରତିକ ସମାଜରେ ବିଜ୍ଞାନର ଆବଶ୍ୟକତା ଓ ଉପଯୋଗିତା ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସମ୍ମାନୀତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ଛତ୍ରପତି ସାହୁ, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ, କାର୍ଯ୍ୟକାରୀ ସମ୍ପାଦିକା ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ବିଜ୍ଞାନ ସଂଯୋଜକ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଡ. ମନୋଜ କୁମାର ସାହୁ ବିଶିଷ୍ଟ ଲେଖକ ସାହିତ୍ୟକ ଚକ୍ରପାଣି ଦାଶ ପ୍ରମୁଖ ଯୋଗଦେଇଥିବା ବେଳେ ଶ୍ରୀ ଦାଶଙ୍କ ରଚିତ ପୁସ୍ତକ ପ୍ରାଥମିକ ଶିକ୍ଷାର ଭୂମିକା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଗୋପବନ୍ଧୁ ପୁରୋହିତ, ଗୋବିନ୍ଦ ସେଠ, ରୋଜାଲିନ ମିଶ୍ର, ମଧୁସ୍ମିତା ଦାଶ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟାବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ବିଶିଷ୍ଟ କଳାକାର ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପଧାନ, ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ ସ ସଂଗୀତ ନିର୍ଦ୍ଦେଶକ ତଥା ସଂଗୀତ ନାଟକ ଏକାଡେମୀ ସଦସ୍ୟ ଚୈତନ୍ୟ ପାଇକଙ୍କୁ ଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜାତୀୟ ସ୍ତରରେ ବ୍ୟାଣ୍ଡ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜର୍ଜ ହାଇସ୍କୁଲ ସ୍କୁଲ ବ୍ୟାଣ୍ଡ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସିଆରସିସି, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ରାଣା ପ୍ରତାପ ହାଇସ୍କୁଲ ର କର୍ମଚାରୀ ବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜିଲ୍ଲାସ୍ତରୀୟ ଏହି ବିଜ୍ଞାନ ମେଳା ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଅଛି ।


**MCL**

**ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ଇ-ଟେଣ୍ଡର ବିଜ୍ଞପ୍ତି**

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ଼ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ଼ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (http://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (http://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡ଼ି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ (₹) |
|---|---|---|---|
| 1 | 2019_MCL_158238_1 | Procurement of Ground mounted High Mast Lighting Towers along with installation and commissioning for different areas of MCL | 41991760.00 |
| 2 | 2019_MCL_158170_1 | Hiring of 1 no. Bolero or equivalent AC dieel jeeps having min seating capacity 7 (6plus1), max run 4200 km/month for 2 years/683 working days/2049 working shifts i.e,3 shifts/day for Patrolling duty at Kaniha PS with 3 drivers/day i.e,1 driver/shift | 1901472.00 |
| 3 | 2019_MCL_158616_1 | Supply of Industrial Gas for maintenance of HEMM at Lingaraj OCP | 202311.00 |
| 4 | 2019_MCL_158556_1 | Maintenance of day to day activity of EnM department for 90 days within a period of one year in CWS IB Valley. | 205301.00 |
| 5 | 2019_MCL_158650_1 | PROCUREMENT OF SPARES FOR GUARDIAN MODEL GT4D OIL FILTRATION MACHINE | 347788.00 |
| 6 | 2019_MCL_158655_1 | PROCUREMENT OF HEAVY DUTY MINING TAPE AND CPRI TESTED SELF-FUSING HT INSULATION TAPE FOR LKP OCP | 196352.00 |
| 7 | 2019_MCL_158687_1 | Supply of Seat Belt Reminder kit (Retro Fitment) for Dumpers. | 132954.00 |
| 8 | 2019_MCL_158669_1 | Installation, Commissioning and maintenance of of 306 numbers air Coolers of 230 Volt, 150 Watt, 1430 RPM capacity including transportation/handling charges from your establishment to GM Establishment, Central Hospital, SOCP and LOCP of Ib Valley Ar | 1455874.00 |
| 9 | 2019_MCL_158701_1 | Procurement of Human Anatomical Models for MRS MCL Talcher Area. | 362260.00 |
| 10 | 2019_MCL_157509_1 | Procurement of spares for BG4 EP for MRS MCL Talcher Area. | 1465514.00 |
| 11 | 2019_MCL_158596_1 | Annual maintenance of B type and C type quarters in case of change in occupancy at CWS IBV colony | 601014.00 |
| 12 | 2019_MCL_158702_1 | Construction of drain along both side of road of Jamunali village under CSR works of Hingula Area. | 881722.00 |
| 13 | 2019_MCL_158622_1 | Courier Service from MCL HQ, Burla, Sambalpur to CIL Head Office, Kolkata and MCL Desk Office, Kolkata and back service to MCL HQ | 1075593.00 |
| 14 | 2019_MCL_158621_1 | Procurement of Spares for Rana make Drill machine for Nandira Colliery MCL Talcher Area. | 19446.00 |
| 15 | 2019_MCL_158546_1 | Construction of approach road,bathing ghat (male and female separate) on the bed of IB River near sand bandha at villages of Budhipadar(CSR head). | 983086.00 |
| 16 | 2019_MCL_158482_1 | Hiring of 02 (Two) Covered Jeep (Bolero / Sumo or equivalent vehicle (Diesel) 6 plus 1 seater with AC fitted) for 12 hours duty for use at Subhadra Area for 682 days in 02(two) years. | 1909600.00 |
| 17 | 2019_MCL_158625_1 | Making kitchen shed for landless people at Khadam-I rehabilitation site under BOCM of Lakhanpur Area. | 254145.00 |
| 18 | 2019_MCL_158648_1 | Transportation of Mining Timber from different depots of WBFDC, West Bengal to Talcher and Nandira Colliery through Regional Store, Talcher Area Inclusive of collection, Loading, Transportation, Unloading and Stacking charges. | 344322.00 |
| 19 | 2019_MCL_158367_1 | Providing Temporary field Office, Canteen, Rest Shelter, Cycle shed and MTK Office at Mine Site of Garjanbahal OCP of Basundhara Area. | 18566127.00 |
| 20 | 2019_MCL_158610_1 | Annual cleaning and upkeeping of VIP guest house, Sr.guest house and outer portion of IB house under IB Valley Area for a period of two years. | 3401009.00 |
| 21 | 2019_MCL_158343_1 | Supply of Hoses for D-355 Dozers at Lingaraj OCP | 210799.00 |
| 22 | 2019_MCL_158566_1 | Replacement of hydraulic door closure,float valves, damaged aluminium door and windows,wire mesh mosquito net and other miscellaneous civil works at Central Hospital under IB Valley Area. | 1609847.00 |
| 23 | 2019_MCL_158599_1 | Supply of spares for Lubrication system of BH-60 Dumpers at Lingaraj OCP | 1281130.00 |
| 24 | 2019_MCL_158531_1 | PROCUREMENT OF HYDRAULIC AND STERING CYLINDER FOR WIRTGEN SURFACE MINER | 505103.00 |
| 25 | 2019_MCL_158489_1 | Supply of Seal Kit for EX 1200 Hyd Excavator | 1053555.00 |
| 26 | 2019_MCL_158496_1 | Supply of Spares for Tata Hitachi EX-1200 Hyd. Excavator | 146746.00 |
| 27 | 2019_MCL_158470_1 | Hiring of a Xylo/Scorpio or equivalent Covered Vehicles with A/c fitted (Diesel) for 24 hours duty for use at Subhadra Area for 682 days in 02(two) years | 1539956.00 |
| 28 | 2019_MCL_156814_1 | Hiring of 01 (One) No. of minimum 32plus1 seater bus on 12 Hours duty per day maximum run 120 KM per day for a period of 2 years (683 working days) at Kaniha Area with deployment of 01 driver-skilled and 01 helper-unskilled | 2485437.00 |
| 29 | 2019_MCL_158506_1 | Hiring of an Indigo/Swift Dzire/Etios or equivalent Car (Diesel) (with AC fitted) for 12 hours duty (In General Shift) for use of Subhadra Area for 682 days in 02(two) years. | 923428.00 |
| 30 | 2019_MCL_158522_1 | Electrical Metering in Executive Quarters and Shopping Complex of CWS IB Valley Colony. | 272856.00 |
| 31 | 2019_MCL_158509_1 | PROCUREMENT OF PUMP PISTON FOR TATA-1200 HYD. EXCAVATOR | 920295.00 |
| 32 | 2019_MCL_158410_1 | Procurement of spares for Vishwa make Gear Box (T-1090,90/110KW) for belt conveyor. | 1051611.00 |
| 33 | 2019_MCL_158231_1 | SUPPLY OF HOSE ASSEMBLIES FOR DUMPERS | 86946.00 |
| 34 | 2019_MCL_158075_1 | PROCUREMENT OF AED (Bi-Phasic) DEFIBRILLATOR FOR OPERATION THEATER | 582400.00 |
| 35 | 2019_MCL_158373_1 | PROCUREMENT OF SPARES OF ZW220 FEL | 1018515.00 |
| 36 | 2019_MCL_158177_1 | Construction of 04 nos. class rooms at High school campus of Nisha village under CSR works of Hingula Area, MCL | 2339614.00 |
| 37 | 2019_MCL_158401_1 | Procurement of Cement capsule for Nandira Colliery MCL Talcher Area. | 165200.001 |
| 38 | 2019_MCL_158362_1 | PROCUREMENT OF FILTERS FOR TATA-1200 | 231809.00 |
| 39 | 2019_MCL_158257_1 | Procurement of Pneumatic Concrete Cutter for MRS,OA | 837000.00 |
| 40 | 2019_MCL_158227_1 | SUPPLY OF OIL SEALS FOR PnH SHOVEL | 113915.00 |
| 41 | 2019_MCL_158181_1 | PROCUREMENT OF DIESEL ADDITIVE | 377600.00 |
| 42 | 2019_MCL_158251_1 | Providing approach road (615 metre) to boreholes for stabilisation work under Deulbera Colliery | 1797317.00 |
| 43 | 2019_MCL_158060_1 | PROCUREMENT OF PRIMARY CRUSHER | 601800.00 |
| 44 | 2019_MCL_158092_1 | Miscellaneous repair works ie glass renewing replacement of CGI sheet of motor cycle stand and extension of ladies toilet and extension of motor cycle stand etc at MEETI of CWS(X) Talcher (ReTender) | 1106222.00 |
| 45 | 2019_MCL_158106_1 | Supply of Spares for BD355EG and BD155 Dozer. | 1136766.00 |
| 46 | 2019_MCL_158138_1 | PROCUREMENT OF SPARES FOR DC CONTROL DRIVE OF MODEL_LC100L, HEC MAKE LATHE MACHINE FOR CWS_X TALCHER. | 829422.00 |
| 47 | 2019_MCL_158094_1 | Supply of Spares for WIRTGEN make Surface Miner | 530632.00 |
| 48 | 2019_MCL_158109_1 | Supply of Spares for RT- 880 TIL Crane | 482474.00 |
| 49 | 2019_MCL_158209_1 | PROCUREMENT OF PORCELAIN KIT KAT FUSE | 56016.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.0663-2542695/2542264, ଇ-ମେଲ : hlp-eproc.mcl@coalindia.in) R-4958

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।